**କରୋନା ର ସମ୍ଭାବ୍ୟ ତୃତୀୟ ଲହରକୁ ଦୃଷ୍ଟିରେ ରଖି ଛୋଟ ପିଲାମାନଂକ ସୁରକ୍ଷା ନିମେନ୍ତେ ଜିଲ୍ଲା ସ୍ତରୀୟ ଟାସ୍କ ଫୋର୍ସ ବୈଠକ ।**

ଆସନ୍ତା ସମ୍ଭାବ୍ୟ କରୋନା ତୃତୀୟ ଲହରରେ ପିଲାମାନଂକ ଉପରେ ଏହାର ପ୍ରଭାବ ପଡିବାକୁ ଦୃଷ୍ଟିରେ ରଖି  ସତର୍କ ଓ ସଜାଗ ରହି ଏହାର ମୁକାବିଲା କରିବା ନିମନ୍ତେ ଆଜି ଅପରାହ୍ନରେ  ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ  ଜିଲ୍ଲା ସ୍ତରୀୟ ଟାସ୍କ ଫୋର୍ସ କମିଟୀ ବୈଠକ ଅନୁଷ୍ଠିତ ହୋଇଯାଇଛି  । ମେଡିସିନ ଓ ଶିଶୁ ରୋଗ ବିଶେଷଜ୍ଞଙ୍କୁ ଆଗୁଆ  ସତର୍କ ଓ ସଜାଗ ରହିବାକୁ  ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି   । ହାଇଦରାବାଦରୁ ଆସିଥିବା ଡାକ୍ତରମାନଂକୁ ଏଥିରେ ନିୟୋଜିତ   କରି ରଖିବାକୁ  ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି  । ତୃତୀୟ ଲହରୀରେ  ଛୋଟ ପିଲା  ପ୍ରଭାବିତ ହେବାର ଆଶଙ୍କା ଥିବାରୁ  ଜିଲ୍ଲାର କିଶୋରନଗର,କୋଶଳା ଓ ଛେଣ୍ଡିପଦା  ଅଂଚଳରେ  କୋଭିଡ ପରିକ୍ଷା  ସମ୍ପର୍କରେ ଜନସାଧାରଣଂକୁ ସଚେତନ କରାଯିବ  । ସମସ୍ତ  ମେଡିକାଲ ଅଫିସରମାନେ ନିୟମିତ ବୈଠକ ଡାକି ପରିସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି   ।   ତାଳଚେର କୋଭିଡ ହସପିଟାଲରେ   ଅକ୍ସିଜେନ ସିଲିଣ୍ଡର ପର୍ଯ୍ୟାପ୍ତ ପରିମାଣର ମହଜୁଦ ରଖିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି  ।  କିଶୋରନଗର ,ଛେଣ୍ଡିପଦା, କୋଶଳା, ବଇଣ୍ଡା ଅଂଚଳରେ ଟୀକାକରଣ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି  । ଏହି ବୈଠକରେ   ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ,  ଏ ଡି ଏମ୍ ଓ  ଡା.ଧନଞ୍ଜୟ ବେହେରା, ବିଭିନ୍ନ ଚିକିତ୍ସାଳୟର ଡାକ୍ତରଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

